Click Here & Upgrade
Expanded Features
Unlimited Pages
PDF Complete

# The Orissa Gazette

EXTRAORDINARY

PUBLISHED BY AUTHORITY

No. 56 CUTTACK, TUESDAY, JANUARY 9, 2007/PAUSA 19, 1928

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଘୋଷଣା

ତାରିଖ 19 ଡିସେମ୍ବର 2006

ସଂଖ୍ୟା 59019—ଏଲ୍.ଏ. (ସି)-15/2005-ଢେଙ୍କାନାଳ (2)-ରାବିପ.–ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ରେଙ୍ଗାଳି ଦକ୍ଷିଣପାର୍ଶ୍ୱ କେନାଲର ଧଳପୁର ଡିଷ୍ଟ୍ରିବ୍ୟୁଟାରୀ ପାଇଁ ସରକାର, ସରକାରୀ ବ୍ୟୟରେ ମୌଜା ହଳଦିଆବାହାଳ, ଥାନା ମୋଟଙ୍ଗା, ଜିଲ୍ଲା ଢେଙ୍କାନାଳରେ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି; ତେଣୁ ଏତଦ୍ଵାରା ଘୋଷଣା କରାଯାଉଅଛି କି ଉକ୍ତ ଉଦ୍ଦେଶ୍ୟରେ ପ୍ରାୟ 3.70 ଏକର ପରିମିତ ଜମି ଉପରୋକ୍ତ ଗ୍ରାମରେ ଆବଶ୍ୟକ ହେଉଅଛି ।

ଭୂ-ଅର୍ଜନ (ସଂଶୋଧିତ) ଆଇନ୍, 1984 ଦ୍ୱାରା ସଂଶୋଧିତ ହେବା ପ୍ରକାରେ 1894 ର ଅଧିନିୟମର ଧାରା 6 ର ବ୍ୟବସ୍ଥାନୁଯାୟୀ ପ୍ରଣୀତ ଏହି ଘୋଷଣାଟି ଏଥିସହିତ ସଂପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଭୂ-ଅର୍ଜନ ଆଇନ୍‌ର 4 (1) ଧାରା ଅନୁଯାୟୀ ଅଧିସୂଚନା ସଂଖ୍ୟା 51586, ତାରିଖ 30 ଡିସେମ୍ବର 2006 ଓ ରାଜପତ୍ର ସଂଖ୍ୟା 225, ତାରିଖ 2 ମାର୍ଚ୍ଚ 2006 ରେ ପ୍ରକାଶିତ ହୋଇଥିବା ଭୂମି ଅନୁସୂଚୀ ଉକ୍ତ ଘୋଷଣାନାମାର ଅନ୍ତର୍ଭୁକ୍ତ ଅଟେ ।

ଉକ୍ତ ଜମିର ଏକ ନକ୍ସା, ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରେଙ୍ଗାଳି ଦକ୍ଷିଣ କେନାଲ ସିଷ୍ଟମ, ମଣ୍ଡଳ ଅଧିକାରୀ ନଂ II, ହିନ୍ଦୋଳ ରୋଡ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟାଳୟ ସମୟରେ ଦେଖିବାକୁ ମିଳିପାରିବ ।

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ପ୍ରଦୀପ୍ତ କୁମାର ପଟ୍ଟନାୟକ**

ଉପ ଶାସନ ସଚିବ

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଘୋଷଣା

ତାରିଖ 19 ଡିସେମ୍ବର 2006

ସଂଖ୍ୟା 59026—ଏଲ୍.ଏ. (ସି)-1/2006-ଢେଙ୍କାନାଳ (2)-ରାବିପ.–ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ରେଙ୍ଗାଳି ଦକ୍ଷିଣପାର୍ଶ୍ୱ କେନାଲର ରେଙ୍ଗାଳି ଜଳସେଚନ ଯୋଜନା ଖଟଖୁରା ମାଇନର, ତଳଜଙ୍ଗ ମାଇନର ପାଇଁ ସରକାର, ସରକାରୀ ବ୍ୟୟରେ ମୌଜା ବାଘୁଆ, ଥାନା କାମାକ୍ଷାନଗର, ଜିଲ୍ଲା ଢେଙ୍କାନାଳରେ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି; ତେଣୁ ଏତଦ୍ଵାରା ଘୋଷଣା କରାଯାଉଅଛି କି ଉକ୍ତ ଉଦ୍ଦେଶ୍ୟରେ ପ୍ରାୟ 3.24 ଏକର ପରିମିତ ଜମି ଉପରୋକ୍ତ ଗ୍ରାମରେ ଆବଶ୍ୟକ ହେଉଅଛି ।

Click Here & Upgrade
Expanded Features
Unlimited Pages
PDF Complete

ଭୂ-ଅର୍ଜନ (ସଂଶୋଧିତ) ଆଇନ୍, 1984 ଦ୍ୱାରା ସଂଶୋଧିତ ହେବା ପ୍ରକାରେ 1894 ର ଅଧିନିୟମର ଧାରା 6 ର ବ୍ୟବସ୍ଥାନୁଯାୟୀ ପ୍ରଣୀତ ଏହି ଘୋଷଣାଟି ଏଥିସହିତ ସଂପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଭୂ-ଅର୍ଜନ ଆଇନ୍‌ର 4 (1) ଧାରା ଅନୁଯାୟୀ ଅଧିସୂଚନା ସଂଖ୍ୟା 14810, ତାରିଖ 21 ଅପ୍ରେଲ 2006 ଓ ରାଜପତ୍ର ସଂଖ୍ୟା 662, ତାରିଖ 18 ମଇ 2006 ରେ ପ୍ରକାଶିତ ହୋଇଥିବା ଭୂମି ଅନୁସୂଚୀ ଉକ୍ତ ଘୋଷଣାନାମାର ଅନ୍ତର୍ଭୁକ୍ତ ଅଟେ ।

ଉକ୍ତ ଜମିର ଏକ ନକ୍ସା, ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରେଙ୍ଗାଲି ଜଳସେଚନ ଯୋଜନା, ବାଘୁଆବୋଳ, ତାଳଚେରଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟାଳୟ ସମୟରେ ଦେଖିବାକୁ ମିଳିପାରିବ ।

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ପ୍ରଦୀପ୍ତ କୁମାର ପଟ୍ଟନାୟକ**

ଉପ ଶାସନ ସଚିବ

Printed and published by the Director, Printing, Stationery and Publication, Orissa, Cuttack-10
Ex. Gaz. 1465–193+25